# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 16th March – 2026

*************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ବିଧାନସଭାରେ ୪ଟି ରାଜ୍ୟସଭା ଆସନପାଇଁ ଭୋଟ୍‌ଗଣତି ଜାରି; ଆଉ କିଛି ସମୟ ପରେ ପ୍ରକାଶ ପାଇବ ଫଳାଫଳ ।

- କଟକ ବଡ଼ମେଡିକାଲ୍ ଅଗ୍ନିକାଣ୍ଡ ଘଟଣାର ତଦନ୍ତପାଇଁ ଉନ୍ନୟନ କମିଶନର୍‌ଙ୍କ ଅଧ୍ୟକ୍ଷତାରେ ୬ ଜଣିଆ ଅନୁସନ୍ଧାନକାରୀ ଦଳ ଗଠିତ ।

— ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଜାତୀୟ ମାନବାଧିକାର କମିଶନ୍‌ଙ୍କ ନିର୍ଦ୍ଦେଶ ।

- କବି ଗିରିଜା କୁମାର ବଳିୟାରସିଂ ୨୦୨୫ ବର୍ଷପାଇଁ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ।

ଏବଂ

- କାଳବୈଶାଖୀ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି ।

# ରାଜ୍ୟସଭା - ନିର୍ବାଚନ

ରାଜ୍ୟସଭାର ଚାରୋଟି ଆସନ ପାଇଁ ଓଡ଼ିଶା ବିଧାନସଭାର ୫୪ ନମ୍ବର କକ୍ଷରେ ଭୋଟଗ୍ରହଣ ଶେଷ ହୋଇଛି । ବର୍ତ୍ତମାନ ଭୋଟ୍ ଗଣତି ଜାରି ରହିଛି । ଆଉ କିଛି ସମୟ ପରେ ଫଳାଫଳ ପ୍ରକାଶ ପାଇବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି । ଆଜି ସକାଳ ୯ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ଣ ୪ଟାରେ ଶେଟ ହୋଇଥିଲା ।

ବିହାର, ଓଡ଼ିଶା ଏବଂ ହରିୟାଣାର ୧୧ଟି ରାଜ୍ୟସଭା ଆସନ ପାଇଁ ଆଜି ଭୋଟ୍‌ଗ୍ରହଣ ହୋଇଛି । ପୂର୍ବରୁ ଗତମାସରେ ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନରେ ଦ୍ୱିବାର୍ଷିକ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ବିଜ୍ଞପ୍ତି ଜାରି କରିଥିଲେ । ସେଥିମଧ୍ୟରୁ ୨୬ଟି ଆସନରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଛନ୍ତି ।

ଓଡ଼ିଶାରେ ୪ଟି ଆସନ ପାଇଁ ୫ ଜଣ ପ୍ରାର୍ଥୀ ରହିଛନ୍ତି । ସେମାନଙ୍କ ମଧ୍ୟରେ ବିଜେପିରୁ ମନମୋହନ ସାମଲ ଓ ସୁଜିତ କୁମାର, ବିଜେଡିରୁ ସନ୍ତୃପ୍ତ ମିଶ୍ର, କଂଗ୍ରେସ-ବିଜେଡି ସମର୍ଥିତ ଡାକ୍ତର ଦତ୍ତେଶ୍ୱର ହୋତା ଓ ସ୍ୱାଧୀନ ଭାବେ ଦିଲ୍ଲୀପ ରାୟ ରହିଛନ୍ତି।

୧୪୭ ସଦସ୍ୟ ବିଶିଷ୍ଟ ବିଧାନସଭାରେ ବିଜେପିର ୭୯ଜଣ ସଦସ୍ୟ ରହିଥିବାବେଳେ ୩ଜଣ ସ୍ୱାଧୀନ ସଦସ୍ୟଙ୍କର ସମର୍ଥନ ରହିଛି । ବିଜେଡି ପାଖରେ ୨ଜଣ ବିଧାୟକଙ୍କ ନିଲମ୍ବନ ପରେ ମଧ୍ୟ ୪୮ଜଣ ସଦସ୍ୟ ରହିଛନ୍ତି । କଂଗ୍ରେସର ୧୪ ଏବଂ ସିପିଆଇର ଜଣେ ସଦସ୍ୟ ଅଛନ୍ତି ।

***Desk***

# ବଡ଼ମେଡିକାଲ - ଅଗ୍ନିକାଣ୍ଡ

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇ.ସି.ୟୁ. ୟୁନିଟ୍‌ରେ ଅଗ୍ନିକାଣ୍ଡ ଘଟଣାର ତଦନ୍ତପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଛଅଜଣିଆ ଏକ ଅନୁସନ୍ଧାନକାରୀ ଦଳ ଗଠନ କରାଯାଇଛି । ଦଳରେ ଅଗ୍ନିଶମ ଆଇ.ଜି., ଇ.ଆଇ.ସି., ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ ଇ.ଆଇ.ସି., ନିର୍ମାଣ ବିଭାଗର ମୁଖ୍ୟଯନ୍ତ୍ରୀ, ଡାକ୍ତର ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ସାମିଲ୍ ଅଛନ୍ତି । କମିଟି ଏସ୍.ସି.ବି. ମେଡିକାଲ୍ ପରିଦର୍ଶନ କରି ସନ୍ଧ୍ୟା ସୁଦ୍ଧା ମୁଖ୍ୟସଚିବଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡ଼ିଛି ।

ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଚାର ବିଭାଗୀୟ ତଦନ୍ତପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅଗ୍ନିଶମ ଡି.ଜି. ସୁଧାଂଶୁ ଷଡ଼ଙ୍ଗୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି :

***Voice (Fire D.G.)*** :........

ମୁଖ୍ୟମନ୍ତ୍ରୀ ପରିସ୍ଥିତିର ଅନୁଧ୍ୟାନ କରି ମୃତକଙ୍କ ପରିବାରବର୍ଗଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତାରାଶି ଘୋଷଣା କରିଛନ୍ତି । ଏଥି ସହିତ ପ୍ରତ୍ୟେକ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତାରାଶି ଓ

ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଘୋଷଣା କରାଯାଇଛି। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଟେଲିଫୋନ୍ ଯୋଗେ ବିସ୍ତୃତ ଆଲୋଚନା କରିଛନ୍ତି।

ଜାତୀୟ ମାନବାଧିକାର କମିଶନ' ମୁଖ୍ୟସଚିବଙ୍କୁ ଘଟଣାର ଅନୁଧ୍ୟାନ କରି ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

# କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆଜି ୨୦୨୫ ବର୍ଷପାଇଁ ପୁରସ୍କାର ଘୋଷଣା କରାଯାଇଛି । ଓଡ଼ିଶା ବିଶିଷ୍ଟ ଗିରିଜା କୁମାର ବଳିୟାର୍‌ସିଂହ କବିତା ବିଭାଗ ବର୍ଗରେ ମନୋନୀତ ହୋଇଛନ୍ତି । ୨୦୨୦ ମସିହାରୁ ତାଙ୍କ ପ୍ରକାଶିତ କବିତା ସଂକଳନ 'ପାଦ ପୂରଣପାଇଁ' ସେ ଏହି ସମ୍ମାନ ପାଇବେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆ, ହିନ୍ଦୀ, ବଙ୍ଗଳା, ତେଲୁଗୁ, ତାମିଲ୍, ମୈଥିଳୀ, କନ୍ନଡ଼, ଉର୍ଦ୍ଦୁ, କାଶ୍ମିରୀ, ଇଂରାଜୀ ଆଦି ୨୪ଟି ଭାଷାରେ ଏହି ପୁରସ୍କାର ପ୍ରଦାନ କରାଯାଉଛି । କବିତାପାଇଁ ୮ଟି ସଂକଳନ, ୪ଟି ଉପନ୍ୟାସ, ୨ଟି ପ୍ରବନ୍ଧ, ଗୋଟିଏ ସାହିତ୍ୟ ସମାଲୋଚନା, ଗୋଟିଏ ଆତ୍ମଜୀବନୀ ଓ ୨ଟି ଆତ୍ମ ଅନୁଭୂତି ପୁସ୍ତକ ୨୦୨୫ ପୁରସ୍କାର ପାଇଁ ବିଭିନ୍ନ ଭାଷାରୁ ଯୋଗ୍ୟ ବିବେଚିତ ହୋଇଛି । ପୁରସ୍କାର ବାବଦରେରେ ଲେଖକଙ୍କୁ ଉତ୍ତରୀୟ ଉପଢ଼ୌକନ ସମେତ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଚଳିତ ମାସ ୩୧ ତାରିଖ ଦିନ ନୂଆଦିଲ୍ଲୀରେ ଏହି ପୁରସ୍କାର ଦିଆଯିବା ନେଇ

ସୂଚନା ମିଳିଛି । ଗତ ଜାନୁୟାରୀ ମାସରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଶ୍ରୀ ବଳିୟାର୍‌ସିଂହଙ୍କୁ ପୁରସ୍କାର ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ଉପଲବ୍ଧି ଓଡ଼ିଆ ସାହିତ୍ୟକୁ ଜାତୀୟ ସ୍ତରରେ ନୂତନ ସ୍ତର ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ପୁରସ୍କାର ପାଇଁ ମନୋନୀତ ହେବା ପରେ ଶ୍ରୀ ବଳିୟାରସିଂ ଖୁସି ପ୍ରକଟ କରି ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି :

***Voice (Baliar Singh)*** :........

**Boudh/R**

## ଉଲ୍ଲାସ

ବୌଦ୍ଧ ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ଅନୁଷ୍ଠିତ ହୋଇଯାଇଛି । ପରୀକ୍ଷା ପାଇଁ ଜିଲ୍ଲାର ୧୫ରୁ ଊର୍ଦ୍ଧ୍ୱ ବୟସର ୬ ହଜାର ୭୬୫ ଜଣ ନବସାକ୍ଷରଙ୍କ 'ଉଲ୍ଲାସ' ପୋର୍ଟାଲ୍‌ରେ ନାମ ପଞ୍ଜୀକରଣ କରାଯାଇଥିଲା । ଏହି ଅବସରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୂଲ୍ୟାୟନ ପରୀକ୍ଷା ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଆୟୋଜିତ ହୋଇଯାଇଛି । ଜିଲ୍ଲାର ୬ ଶହରୁ ଊର୍ଦ୍ଧ୍ୱ ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା

ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶିକ୍ଷାଧିକାରୀ ଟେମ୍‌ଲାଲ୍ ଦୁବେ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ପ୍ରମୁଖ ପରୀକ୍ଷା ତଦାରଖ କରିଥିଲେ ।

***Deogarh/R***

## ରାଜସ୍ୱ ସମୀକ୍ଷା

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗତ ମାସରେ ଜିଲ୍ଲାରେ ଧାର୍ଯ୍ୟ ଥିବା ଭୂରାଜସ୍ୱ, ରୟାଲ୍‌ଟି ଆଦାୟ, ବସୁନ୍ଧରା, ସ୍କୁଲ୍-କଲେଜ ପଟ୍ଟା ଓ ଅନ୍ୟ କର ଆଦାୟ ସମ୍ପର୍କରେ ତହସିଲ୍‌ଦାର ଏବଂ ଅତିରିକ୍ତ ତହସିଲ୍‌ଦାରଙ୍କ ସହ ଆଲୋଚନା କରାଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ୍, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

***Boudh/R***

## ଆଇନ ସଚେତନତା

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଆଇ.ସି.ଡି.ଏସ୍. କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସମାଜ ମଙ୍ଗଳ ପରିସରରେ ବ୍ଲକ୍‌ସ୍ତରୀୟ ଆଇନ ସଚେତନତା

କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାପଳ ବିଭୂତି ଭୂଷଣ ନାୟକ ଯୋଗଦେଇ ମହିଳା ସୁରକ୍ଷା ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

***Kendrapara/R***

## ସ୍ମାର୍ଟ ଗ୍ରାମ - ପ୍ରୟାସ

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ କୁସୁନପୁର ଗ୍ରାମରେ ଆଜି ସି.ଏସ୍.ଆଇ.ଆର୍. ସ୍ମାର୍ଟ ଗ୍ରାମ ପ୍ରୟାସର ଶୁଭାରମ୍ଭ ହୋଇଯାଇଛି । ଏଥିରେ ପ୍ରଯୁକ୍ତି ନିର୍ଦ୍ଦେଶିତ ଏବଂ ସ୍ଥାୟୀ ଗ୍ରାମୀଣ ଉନ୍ନତିକୁ ପ୍ରୋତ୍ସାହନ ଦେବା ଉପରେ ପଦକ୍ଷେପ ନିଆଯାଉଛି । ସି.ଏସ୍.ଆଇ.ଆର୍.ର ଗବେଷଣା ସଂସ୍ଥାଗୁଡ଼ିକ ସ୍ଥାନୀୟ ପ୍ରଶାସନ ଏବଂ କାର୍ଯ୍ୟାନ୍ୱୟନ ସହଭାଗୀମାନଙ୍କର ସହଯୋଗ ମାଧ୍ୟମରେ ବୈଜ୍ଞାନିକ ନବୀନତା ଓ ବ୍ୟାବହାରିକ ସମାଧାନଗୁଡ଼ିକୁ ଗ୍ରାମୀଣ ସମୁଦାୟଙ୍କ ନିକଟରେ ପହଞ୍ଚାଇଥା’ନ୍ତି । ବିଜ୍ଞାନ, ନବସୃଜନ ଓ ସମ୍ପ୍ରଦାୟ ଅଂଶଗ୍ରହଣକୁ ସମନ୍ୱିତ କରି ସି.ଏସ୍.ଆଇ.ଆର୍. ସ୍ମାର୍ଟ ଗ୍ରାମ ଗ୍ରାମୀଣ ବିକାଶପାଇଁ ନୂତନ ମଡେଲ୍ ସୃଷ୍ଟି କରିବ ।

***Desk, Bhadrak, Gajapati, Deogarh, Rayagada, Sonepur, Boudh, Kendrapara/R***

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ନାଲଗୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୩୦ଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଛି ।

ଗଜପତି ଜିଲ୍ଲା ଗୋଷାଣୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୧୦୩ଟି ଅଭିଯୋଗର ଶୁଣାଣି କରାଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜଣେ ଦିବ୍ୟାଙ୍ଗଙ୍କୁ ଅଢ଼େଇ ଲକ୍ଷ ଟଙ୍କାର ବିବାହ  ପ୍ରୋତ୍ସାହନ ରାଶି ପ୍ରଦାନ, ୩୦ ଜଣଙ୍କୁ ଜମି ଉତ୍ତରାଧିକାରୀ ପଟ୍ଟା ବଣ୍ଟନ ଓ ୫ ଜଣଙ୍କୁ ନୂତନ ପେନ୍‌ସନ୍ ଯୋଜନାରେ ସାମିଲ୍ କରାଯାଇଛି ।

ଦେବଗଡ଼ ଜିଲ୍ଲା ବାରକୋଟ୍ ବ୍ଲକ୍ ଦନ୍ତାରୀବାହାଲ୍ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୫୭ଟି ଅଭିଯୋଗର ଶୁଣାଣି କରାଯାଇଛି । ହାଇଟେକ୍ ପଟ୍ଟା ସଂଶୋଧନ, ପାନୀୟ ଜଳ, ରାସ୍ତା ମରାମତି ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନିଲ୍ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା ପ୍ରମୁଖ ଉପସ୍ଥିତ ଥିଲେ ।

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ କୋଟ୍‌ସମଲାଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୮୧ଟି ଅଭିଯୋଗର ଶୁଣାଣି କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବ୍ଲକ୍ ସଭାଗୃହରେ ଜିଲ୍ଲାପାଳ ଆଶୁତୋଷ କୁଲ୍‌କର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ୬୩ଟି ଅଭିଯୋଗର ଶୁଣାଣି କରାଯାଇ ୩ ଜଣଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ମୋଟ୍ ୭୪ଟି ଅଭିଯୋଗର ଶୁଣାଣି କରାଯାଇ ସେଗୁଡ଼ିକର ସମାଧାନପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ସମ୍ମିଳନୀରେ ଅନୁଷ୍ଠିତ ଶିବିରରେ ୧୨୬ଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଜଣଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

***Desk***

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହିତ ବର୍ଷା ହୋଇଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରେ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି । ଏହାହିତ ବଜ୍ରପାତ ଓ ବର୍ଷା ହେବାନେଇ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଜଗତ୍‌ସିଂହପୁର ଓ ପୁରୀ ସମେତ ୨୦ଟି ଜିଲ୍ଲାକୁ  ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ

ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ଝଡ଼ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

ଉତ୍ତର ଓଡ଼ିଶା ଉପକୂଳ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ଥିବାବେଳେ ସମୁଦ୍ର ତଟ ଅଶାନ୍ତ ରହିପାରେ । ତେଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

******